ଆଲୋଚନା

ବ୍ରାଜିଲ୍‌ର ବେଲେମ୍‌ଠାରେ ଆୟୋଜିତ ୩୦ତମ ଜାତିସଙ୍ଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ସିଓପି ୩୦) ଚଳିତ ବର୍ଷ ନଭେମ୍ବର ୧୦ରୁ ଆରମ୍ଭ ହୋଇ ନଭେମ୍ବର ୨୧ରେ ଶେଷ ହୋଇଛି। ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଭାରତୀୟ ପ୍ରତିନିଧି ଦଳରେ ସାମିଲ୍ ହୋଇଛନ୍ତି ଓଡ଼ିଆ ପୁଅ ତଥା ଜଣାଶୁଣା ଜଳବାୟୁ ବିଜ୍ଞାନୀ ଅବିନାଶ ମହାନ୍ତି। ପୃଥିବୀ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଭୋଗିବା ଆରମ୍ଭ କରିଥିବା ବେଳେ 'ସିଓପି ୩୦' କାହିଁକି ସ୍ୱତନ୍ତ୍ର ଏବଂ ଏହି ସମ୍ମିଳନୀରେ କେଉଁ ପ୍ରସଙ୍ଗ ଉପରେ ବିଶ୍ୱ ଗୁରୁତ୍ୱ ଦେଉଛି ସେ ସଂପର୍କରେ ସମସ୍ତେ ଅବଗତ ହେବା ଜରୁରି। ଏହି କାର୍ଯ୍ୟକ୍ରମରେ ଭାରତର ଭୂମିକା କ'ଣ ରହିଛି ଏବଂ ଓଡ଼ିଶାକୁ ନେଇ କୌଣସି ପ୍ରସଙ୍ଗ ଉଠିଛି କି? ଏସବୁ ପ୍ରସଙ୍ଗକୁ ନେଇ 'ସିଓପି ୩୦ ସମ୍ମିଳନୀ'ରେ ଯୋଗ ଦେଇଥିବା ଅବିନାଶ ମହାନ୍ତିଙ୍କ ସହିତ ଆଲୋଚନା କରିଛନ୍ତି ଆମର ବରିଷ୍ଠ ପ୍ରତିନିଧି **ବିଭୂତି ପତି**



# ଜଙ୍ଗଲ କ୍ଷୟ ଆଉ ଆଞ୍ଚଳିକ ସମସ୍ୟା ନୁହେଁ, ଏହାର ପ୍ରଭାବ ବୈଶ୍ୱିକ ହୋଇଗଲାଣି: ଅବିନାଶ ମହାନ୍ତି

### ଡାକୁଛି ଆମାଜନ୍

'ସିଓପି ୩୦' ସମ୍ମିଳନୀ ଆୟୋଜନକରି ବେଲମ୍ ସହର ବିଶ୍ୱ ସାମ୍ନାରେ ଏକ ବିରାଟ ଆହ୍ୱାନ ଠିଆ କରିଛି। ବ୍ରାଜିଲ୍‌ର ଏହି ନଦୀକୂଳିଆ ସହରରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀ ବିଶ୍ୱର ବୃହତ୍ ବର୍ଷାବନ ବା ରେନ୍‌ଫରେଷ୍ଟ ମରୁଡ଼ି ଓ ବନାଗ୍ନି ପ୍ରତି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରୁଛି। ଏହି କାରଣରୁ ବିଶ୍ୱକୁ ଏହା ଆମାଜନ୍‌ର ଡାକରା ବୋଲି କୁହାଯାଉଛି। ଆମାଜନ୍ ସୀମାରେ ଥିବା ବେଲମ୍ ସହରରେ ରହି ଏହି ଡାକରାକୁ ଅତି ପାଖରୁ ପରଖିଥିବା ଅବିନାଶ କହିଛନ୍ତି, "ସମ୍ମିଳନୀର ପୂର୍ବ ସପ୍ତାହଗୁଡ଼ିକରେ ସହରର ଆର୍ଦ୍ରବାୟୁ 'ସିଓପି ୩୦' ପ୍ରତୀକ୍ଷାରେ ଆହୁରି ଘନ ହୋଇଯାଇଥିଲା। ସହରର ଔପନିବେଶିକ ଯୁଗର ଘରଗୁଡ଼ିକର ବାଲ୍‌କୋନିରୁ ବ୍ୟାନର୍‌ଗୁଡ଼ିକ ଝୁଲୁଥିଲା। ଆମାଜନ୍‌ର ଉପନଦୀ ଗୁଆମାରେ ଚଳାଚଳ କରୁଥିବା ଡଙ୍ଗାଗୁଡ଼ିକରେ 'ସିଓପି ୩୦' ଲେଖାଥିବା ସବୁଜ ଓ ନୀଳ ରଙ୍ଗର ପତାକାମାନ ଉଡୁଥିଲା। ସ୍ଥାନୀୟ ଆଦିବାସୀ ପ୍ରତିନିଧିମାନେ ମୋଟର୍ ଲଞ୍ଚ୍ ଓ କେନୁରେ ଆସି ସମ୍ମିଳନୀ ସ୍ଥଳରେ ପହଞ୍ଚୁଥିବାର ଦୃଶ୍ୟ ମୋତେ ଅଭିଭୂତ କରିଥିଲା।"



### ଅଳ୍ପରେ ଅବିନାଶ

ଜଳବାୟୁ ବିଜ୍ଞାନୀ ଅବିନାଶ ମହାନ୍ତିଙ୍କ ଘର ଭୁବନେଶ୍ୱର। ସେ ଭୁବନେଶ୍ୱରର ସହିଦ ନଗରରେ ଥିବା ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ଶିକ୍ଷାଗ୍ରହଣ କରିବା ପରେ କଲେଜ୍ ଅଫ୍ ଇଂଜିନିୟରିଂରେ ଅଧ୍ୟୟନ କରିଛନ୍ତି। ସେ ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃସରକାରୀ ପ୍ୟାନେଲ୍ (ଇଣ୍ଟର୍ ଗଭର୍ଣ୍ଣମେଣ୍ଟାଲ୍ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍) 'ଆଇପିସିସି'ର ଷଷ୍ଠ ରିପୋର୍ଟ ପ୍ରସ୍ତୁତିରେ ଜଣେ ବିଶେଷଜ୍ଞ ଭାବେ ନିଯୁକ୍ତ ହୋଇ ଏହାର ବିଭିନ୍ନ ଦିଗର ସମୀକ୍ଷା କରିଛନ୍ତି। ଜଳବାୟୁ ଅନୁକୂଳତା, ସ୍ଥିତିସ୍ଥାପକତା ଓ ନିରନ୍ତର ବିକାଶ ଭଳି କ୍ଷେତ୍ର ଉପରେ ବୈଶ୍ୱିକସ୍ତରରେ ସେ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି ଏବଂ ଭାରତ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗର ଭିନ୍ନ ଭିନ୍ନ ଦିଗ ଉପରେ ସେ ଅନେକ ଅନୁଧ୍ୟାନମୂଳକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଅବିନାଶ ମହାନ୍ତି ବିଶ୍ୱସ୍ତରୀୟ ବିକାଶ ସଙ୍ଗଠନ 'ଆଇପିଇ ଗ୍ଲୋବାଲ୍'ରେ ଜଳବାୟୁ ପରିବର୍ତ୍ତନ ବିଭାଗର ମୁଖ୍ୟ ବିଶେଷଜ୍ଞ ଭାବେ କାର୍ଯ୍ୟରତ। ଶୂନ୍ୟ ଅଙ୍ଗାରକ ଉତ୍ସର୍ଜନ, ବିଶ୍ୱ ତାପନ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଗବେଷଣା କ୍ଷେତ୍ରରେ ତାଙ୍କର ଦକ୍ଷତା ରହିଛି।

### ପୃଥିବୀର ଫୁସ୍‌ଫୁସ୍‌ରେ ଗର୍ତ୍ତ

"ଆମାଜନ୍ ସୀମାରେ ଥିବା ବେଲମ୍ ସହର 'ସିଓପି ୩୦' ଆୟୋଜନ ପାଇଁ ଯଦିଓ ଏକ ଉପଯୁକ୍ତ ସ୍ଥାନ, କିନ୍ତୁ ଆଜିର ଦିନରେ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ପାଇଁ ସେଠାରେ ସଂକଟଜନକ ସ୍ଥିତି ଉପୁଜିଛି। ଦୀର୍ଘକାଳ ଧରି ପୃଥିବୀର ଫୁସ୍‌ଫୁସ୍ ବୋଲି ଆଖ୍ୟା ପାଇଥିବା ଆମାଜନ୍ ଜଙ୍ଗଲ ଏହାର ସବୁଜ ଆବରଣର ୧୭%ରୁ ଅଧିକ ହରାଇ ସାରିଲାଣି। ଖଣି, କୃଷି, ଜଙ୍ଗଲ ନିଆଁ ଓ ଜବରଦଖଲ ଯୋଗୁଁ ଏହାର ପରିସଂସ୍ଥାନ ଚାପଗ୍ରସ୍ତ। କେବଳ ଆମାଜନ୍ ବର୍ଷାବନ ୧୦୦ ବିଲିୟନ୍ ଟନ୍‌ରୁ ଅଧିକ ପରିମାଣର ଅଙ୍ଗାରକ ସାଇତିପାରେ। ଆମାଜନ୍ ସମଗ୍ର ବିଶ୍ୱକୁ ଚେତାଇଦେଇ କହୁଛି, ଜଙ୍ଗଲ କ୍ଷୟ ଏବେ ଆଉ ଆଞ୍ଚଳିକ ସମସ୍ୟା ନୁହେଁ, ବରଂ ଏହାର ପ୍ରଭାବ ବୈଶ୍ୱିକ ହୋଇଗଲାଣି। ଆମାଜନ୍‌ର ଦୁଃସ୍ଥିତି ଆମମାନଙ୍କୁ ସ୍ମରଣ କରାଇଦିଏ ଏହି ସମ୍ମିଳନୀ ଆମ ଗ୍ରହର ଅସ୍ତିତ୍ୱ ରକ୍ଷା ପାଇଁ ନିର୍ଣ୍ଣାୟକ ଭୂମିକା ନେବ।"

### ଆଗରେ ଅଛି ଭାରତ

ଗ୍ଲାସ୍‌ଗୋରେ ଅନୁଷ୍ଠିତ 'ସିଓପି ୨୬' ଶିଖର ସମ୍ମିଳନୀରେ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୂନ୍ୟ ଅଙ୍ଗାରକ ଉତ୍ସର୍ଜନ ପାଇଁ ଭାରତର ପ୍ରତିବଦ୍ଧତାକୁ ନେଇ ଯେଉଁ ଘୋଷଣା କରିଥିଲେ ସେହି ମାର୍ଗରେ ଆମେ ପରିଚାଳିତ ହୋଇ ଯଥେଷ୍ଟ ସଫଳତା ହାସଲ କରିଛୁ ବୋଲି ଅବିନାଶ କହନ୍ତି। ତାଙ୍କ ମତାନୁସାରେ, ଭାରତ ଶୂନ୍ୟ ଅଙ୍ଗାରକ ଉତ୍ସର୍ଜନ ଓ ନିରନ୍ତର ବିକାଶର ଲକ୍ଷ୍ୟକୁ ୨୦୭୦ ସୁଦ୍ଧା ପୂରଣ କରିବାକୁ ଘୋଷଣା କରିଥିଲା। ୨୦୩୦ ମସିହାରେ ନିର୍ଦ୍ଧାରିତ ଲକ୍ଷ୍ୟକୁ ଆମେ ୨୦୨୫ରେ ହାସଲ କରିସାରିଲୁଣି। ନବୀକରଣ ଶକ୍ତି କାର୍ଯ୍ୟକ୍ରମକୁ ଭାରତ ସଫଳତାର ସହିତ ପରିଚାଳନା କରୁଛି। କେବଳ ଦକ୍ଷିଣ ଏସିଆରେ ନୁହେଁ, ବରଂ ସମଗ୍ର ଏସିଆ ମହାଦେଶରେ ଭାରତ ଏ ଦିଗରେ ନେତୃତ୍ୱ ନେଉଛି। କିନ୍ତୁ ଏଥିରେ ପୂର୍ଣ୍ଣ ସଫଳତା ପାଇବାକୁ ହେଲେ ଭାରତର ସର୍ବାଧିକ ଅଙ୍ଗାରକ ଉତ୍ସର୍ଜନ କରୁଥିବା ୧୦ ରାଜ୍ୟକୁ ଆହୁରି ଅଧିକ ଭାବେ ଶୂନ୍ୟ ଅଙ୍ଗାରକ ଉତ୍ସର୍ଜନ ନୀତି ପରିଚାଳନା କରିବାକୁ ପଡ଼ିବ।

### ଓଡ଼ିଶା କଥା କହିଲୁ

"ଆପଣ ଜାଣି ଅଧିକ ଖୁସି ହେବେ ଯେ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରିଚାଳନା ପ୍ରୋତ୍ସାହନ କିମ୍ବା ଅଙ୍ଗାରକ ଉତ୍ସର୍ଜନ ହ୍ରାସ କରିବା ଦିଗରେ ଓଡ଼ିଶାର ପଦକ୍ଷେପ ପ୍ରଶଂସାଯୋଗ୍ୟ। ଏ ଦିଗରେ ଗୋଟିଏ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ପରିଗଣିତ ହେଉଛି। କୌଣସି ରାଜ୍ୟ ଯେତେବେଳେ ସେମାନଙ୍କର ଜଳବାୟୁ ପରିବର୍ତ୍ତନ କାର୍ଯ୍ୟସୂଚୀ ପ୍ରସ୍ତୁତ କରି ନଥିଲେ ଆମ ରାଜ୍ୟ ସର୍ବପ୍ରଥମେ ଏହାକୁ ପ୍ରସ୍ତୁତକରି କେନ୍ଦ୍ର ପରିବେଶ ମନ୍ତ୍ରାଳୟରେ ଦାଖଲ କରିଥିଲା। 'ସିଓପି ୩୦'ର ବିଭିନ୍ନ ମଞ୍ଚରେ କିମ୍ବା ଅନ୍ୟ ରାଷ୍ଟ୍ରର ପ୍ରତିନିଧିଙ୍କ ସହିତ ଭାବ ଆଦାନପ୍ରଦାନ ସମୟରେ ମୁଁ ଏହା ଉପସ୍ଥାପନ କରୁଛି।

ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରିଚାଳନା ପ୍ରୋତ୍ସାହନ କିମ୍ବା ଅଙ୍ଗାରକ ଉତ୍ସର୍ଜନ ହ୍ରାସ କରିବା ଦିଗରେ ଓଡ଼ିଶାର ପଦକ୍ଷେପ ପ୍ରଶଂସାଯୋଗ୍ୟ। ଏ ଦିଗରେ ଗୋଟିଏ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ପରିଗଣିତ ହେଉଛି। କୌଣସି ରାଜ୍ୟ ଯେତେବେଳେ ସେମାନଙ୍କର ଜଳବାୟୁ ପରିବର୍ତ୍ତନ କାର୍ଯ୍ୟସୂଚୀ ପ୍ରସ୍ତୁତ କରି ନଥିଲେ ଆମ ରାଜ୍ୟ ସର୍ବପ୍ରଥମେ ଏହାକୁ ପ୍ରସ୍ତୁତକରି କେନ୍ଦ୍ର ପରିବେଶ ମନ୍ତ୍ରାଳୟରେ ଦାଖଲ କରିଥିଲା।

ଏହାକୁ ଅଧିକାଂଶ ଦେଶ ପ୍ରଶଂସା କରିଛନ୍ତି।"

### ସତ୍ୟଆଧାରିତ ତଥ୍ୟ ଉପରେ ଗୁରୁତ୍ୱ

'ସିଓପି ୩୦' ସମ୍ମିଳନୀ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର ବୋଲି ଅବିନାଶଙ୍କ ମତ। ସେ କହିଛନ୍ତି, "ମୁଁ ୨୦୧୨ରୁ ୨୦୨୫ ମଧ୍ୟରେ ବିଭିନ୍ନ 'ସିଓପି' ସମ୍ମିଳନୀରେ ଯୋଗଦେଇ ଆସୁଛି। ଏହାପୂର୍ବରୁ ୨୯ଟି ସମ୍ମିଳନୀ ଯଦିଓ ଆୟୋଜିତ ହୋଇଛି, କିନ୍ତୁ ଆଜି ବି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଓ ବୈଶ୍ୱିକ ତାପମାତ୍ରା ବୃଦ୍ଧି ନିୟନ୍ତ୍ରଣ କାର୍ଯ୍ୟକ୍ରମ ସଠିକ୍ ମାର୍ଗରେ କାର୍ଯ୍ୟକାରୀ ହୋଇନାହିଁ। ଯଦି 'ସିଓପି ୩୦' ସମ୍ମିଳନୀ ଲକ୍ଷ୍ୟ ହାସଲରେ ବିଫଳ ହୁଏ, ତେବେ ଭବିଷ୍ୟତରେ 'ସିଓପି' ସଫଳ ହେବାର ସମ୍ଭାବନା ନାହିଁ କିମ୍ବା ତାହା ଆଉ ମହତ୍ୱ ରଖିବା ପରି ମନେ ହେଉନାହିଁ। ସେଥିପାଇଁ 'ସିଓପି ୩୦' ସତ୍ୟର ସମ୍ମିଳନୀ ହେବ ବୋଲି ଜାତିସଂଘ ଜଳବାୟୁ ସମ୍ମିଳନୀ ଉଦ୍‌ଘାଟନ ଉତ୍ସବରେ ବ୍ରାଜିଲ୍‌ର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍ଭା ଘୋଷଣା କରିଛନ୍ତି। ଏହି ଘୋଷଣା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ତଥ୍ୟ ଆଧାରିତ ସତ୍ୟକୁ ହିଁ ସମର୍ଥନ କରାଯିବ।

### ଜଳବାୟୁ ସଂକଟ ଓ ସୂଚନା ସଂକଟ

'ସିଓପି' ଇତିହାସରେ ପ୍ରଥମଥର ସକାଶେ ସଠିକ୍ ଓ ନିର୍ଭରଯୋଗ୍ୟ ତଥ୍ୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ସୂଚନାର ଅଖଣ୍ଡତାକୁ ଆନୁଷ୍ଠାନିକ କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସମ୍ମିଳନୀରେ ସର୍ବପ୍ରଥମ ଥର ପାଇଁ ଜୈବବିବିଧତା ସୁରକ୍ଷା ପ୍ରସଙ୍ଗକୁ ସ୍ଥାନ ଦିଆଯାଇଛି। 'ସିଓପି ୩୦'ରେ ନଭେମ୍ବର ୧୨ ତାରିଖ ଦିନ ସୂଚନାର ଅଖଣ୍ଡତା ସଂପର୍କିତ ଏକ ଘୋଷଣାନାମା ଉନ୍ମୋଚନ କରାଯିବା ସଙ୍ଗେ ସଙ୍ଗେ ଜଳବାୟୁ ସଂକ୍ରାନ୍ତ ଭୁଲ୍ ସୂଚନା ବିରୋଧରେ ଲଢ଼ିବା ପାଇଁ ବୈଶ୍ୱିକ ସହଯୋଗ ସକାଶେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଘୋଷଣାନାମା ଉନ୍ମୋଚନ ପରେ ଆନୁଷ୍ଠାନିକ ଭାବେ ଏହି ଦିନକୁ 'ସୂଚନା ଅଖଣ୍ଡତା ଦିବସ' ବୋଲି ନାମିତ କରାଯାଇଥିଲା। ସଂପ୍ରତି ଜଳବାୟୁ ସଂକଟ ଏକ 'ସୂଚନା ସଂକଟ' ବୋଲି ବିଶ୍ୱ ସ୍ୱୀକାର କରିଛି।